ISSN: 2456-9194, Vol. I, Issue. I, 2017

CPHFS

ପ୍ରତ୍ୟୟ

(Journal of Odia Language, Culture and Science)

# କାର୍ତ୍ତିକ ଚନ୍ଦ୍ର ରଥଙ୍କ ନାଟକରେ ସମାଜ ପରିବର୍ତ୍ତନର ସ୍ୱର

ଡକ୍ଟର ସନ୍ଦୀପ ମହାପାତ୍ର

ସିନିଅର୍ ପ୍ରୋଗ୍ରାମ୍ ଏକ୍‌ଜିକ୍ୟୁଟିଭ୍, ନ୍ୟୁଜ୍- ୭, ଭୁବନେଶ୍ୱର

Sandeep.mohapatra61@gmail.com

***ସଂକ୍ଷିପ୍ତ ପରିଚୟ-*** *ନାଟକର ବାର୍ତ୍ତାକୁ ସାଧାରଣ ଦର୍ଶକ ନିକଟରେ ପହଞ୍ଚାଇବା ଓ ନାଟ୍ୟ ଆଙ୍ଗିକକୁ ଯଥାସମ୍ଭବ ଜଟିଳତାରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ସ୍ଥିତିବାଦୀ ନାଟ୍ୟଧାରା ଓ ଅଭିବ୍ୟଞ୍ଜନାବାଦୀ ନାଟ୍ୟଶୈଳୀକୁ ପରିହାର କରି ଓଡ଼ିଆ ନାଟକ ମୁକ୍ତାଧାରାକୁ କରିନେଲା । ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ ୧୯୬୬ ମସିହାରେ 'ଜୀବନଯଜ୍ଞ' ନାଟକ ଲେଖି ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ । ସମସାମୟିକ ସମାଜ ସହ ଭଲଭାବେ ଜଡ଼ିତ ନାଟ୍ୟକାର ରଥ ସାଂପ୍ରତିକ ସମାଜର ହାଃ ହୁତାଶମୟ ଚିତ୍ରକୁ ନାଟକରେ ଉପସ୍ଥାପିତ କରିବା ସହ ଦର୍ଶକ ମନରେ ସମାଜ ପରିବର୍ତ୍ତନର ଭାବନା ଜାଗ୍ରତ କରାଇଥାନ୍ତି । ସମୟର ପ୍ରାଣସ୍ପନ୍ଦନଟି ତାଙ୍କ ସୃଷ୍ଟିରେ ସ୍ପଷ୍ଟ ଭାବରେ ପ୍ରକାଶିତ ହୋଇଛି । ତେଣୁ ତାଙ୍କର ନାଟ୍ୟଦର୍ଶନ ସମସାମୟିକ ସମାଜ-ଦର୍ଶନ ସହିତ ନିବିଡ଼ ଭାବରେ ସଂପୃକ୍ତ ।*

***ପ୍ରମୁଖଶବ୍ଦାବଳୀ-(Keywords)-*** *ନାଟକ, ସ୍ଥିତିବାଦୀ ନାଟ୍ୟଧାରା, ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ, ସମୟର ପ୍ରାଣସ୍ପନ୍ଦନ, ସାମାଜିକ ପରିବର୍ତ୍ତନ*

## I. ଉପକ୍ରମ:

୧୯୫୦ ମସିହା । ମନୋରଂଜନ ଦାସଙ୍କ 'ଅଗାମୀ' ନାଟକ ମଞ୍ଚସ୍ଥ ହେବାପରେ ଚହଳ ପଡ଼ିଗଲା ଓଡ଼ିଆ ମଞ୍ଚନାଟକ ଜଗତରେ । ନାଟକ କ୍ଷେତ୍ରରେ ଚାଲିଥିବା ଏହି ନୂତନ ପରୀକ୍ଷା ସଂପୂର୍ଣ୍ଣ ଆମଦାନି କରାଯାଇଥିଲା ପାଶ୍ଚାତ୍ୟ ଜଗତରୁ । ତେବେ ନାଟକର ଏଇ ନୂତନ ଦର୍ଶନ ଦର୍ଶକ ଅପେକ୍ଷା ବେଶୀ ପ୍ରଭାବିତ କଲା ସମକାଳୀନ ଅନ୍ୟ ନାଟ୍ୟକାର ଓ ନିର୍ଦ୍ଦେଶକମାନଙ୍କୁ। ଆବ୍‌ସଡ୍ ବା ଉଦ୍ଭଟ ନାଟକ ନାଆଁରେ ଦୁଇ ଦଶନ୍ଧି ଧରି ଚାଲିଲା ଏଇ ବୌଦ୍ଧିକ ନାଟକର କସରତ । ତେବେ ଦର୍ଶକ ଏଭଳି ନାଟକକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେବା ପରେ ଓଡ଼ିଆ ମଞ୍ଚ ନାଟକ ପାଇଁ ଘୋଟିଆସିଲା ଘୋର ଦୁର୍ଦ୍ଦିନ । ନାଟକର ଏଭଳି ଦୁର୍ଦ୍ଦିନରେ ନାଟ୍ୟକାର, ନିର୍ଦ୍ଦେଶକ ଓ ନାଟ୍ୟକର୍ମୀ ଚିନ୍ତିତ ହୋଇପଡ଼ିବା ସ୍ୱାଭାବିକ । ଏତେବେଳକୁ ମଣିଷର ଅନ୍ତର୍ମନର ସନ୍ଧାନ କରିବା ନିଶା ଧୀରେ ଧୀରେ ଖସି ଆସିଲାଣି । ଭାରତର ଅନ୍ୟ ଆଞ୍ଚଳିକ ମଞ୍ଚନାଟକରେ ଲୋକ ଉପାଦାନ ବ୍ୟବହାର କରିବା ଦ୍ୱାରା ନାଟକଗୁଡ଼ିକ ଦର୍ଶକୀୟ ଆଦୃତି ପାଇବାରେ ଲାଗିଲେଣି । ବେଖଟ୍‌ଙ୍କ ଏପିକ୍ ଥିଏଟର ହେଉ ଅବା ଆରିନା ମ; ଏହାର ପ୍ରଭାବରେ ଆଞ୍ଚଳିକ ମଞ୍ଚ ଲୋକକଥା, ଲୋକଗୀତ, ଲୋକନାଟକ ପ୍ରଭୃତିକୁ ଆଦରି ନେଇ ସଫଳତା ପାଇଲାଣି । ବାସ୍, ଆମ ଓଡ଼ିଆ ନାଟ୍ୟକାରମାନଙ୍କ ଉପରେ ମଧ୍ୟ ପଡ଼ିଲା ଏହାର ପ୍ରଭାବ। ସେମାନେ ଆକାଶ ଛାଡ଼ି ପୃଥିବୀରେ ଦେଲେ ମାଟିମନସ୍କ। କହିବା ବାହୁଲ୍ୟ ଯେ- ଏଇ ପ୍ରବୀଣ ନାଟ୍ୟକାରମାନେ ହିଁମୁକ୍ତଧାରାର ନାଟକ ରଚନାରେ ବ୍ରତୀ ହୋଇ ନବୀନମାନଙ୍କ ପାଇଁ ପାଲଟିଲେ ପ୍ରେରଣା। ନୂତନ ଯୁଗଚେତନାର ବାର୍ତ୍ତା ବହନ କରି ସଫଳତାର ସହ ସାଧାରଣ ଦର୍ଶକ ପାଖରେ ପହଞ୍ଚିଲା ଏଇ ମୁକ୍ତଧାରାର ନାଟକ । କାରଣ ଏଭଳି ନାଟକରେ ସବୁଠୁ ବେଶୀ ଗୁରୁତ୍ୱ ଦିଆଗଲା ଦର୍ଶକର ରୁଚିକୁ । ଦର୍ଶକ ଏକ ଅବହେଳିତ ବିଭାଗ ଭାବେ ମଞ୍ଚକଳାକାରଙ୍କଠାରୁ ଦୂରରେ ନ ରହି ଏକାତ୍ମହେଲା ମଞ୍ଚ ସହ ।

ସମାଲୋଚକ ଡ. ଦେବୀ ପ୍ରସାଦ ଶତପଥୀଙ୍କ ମତରେ- "ସ୍ଥିତିବାଦୀ ନାଟ୍ୟଧାରା ଓ ଅଭିବ୍ୟଞ୍ଜନାବାଦୀ ନାଟ୍ୟଶୈଳୀକୁ ପରିହାର କରି ଓଡ଼ିଆ ନାଟ୍ୟଧାରା ମୁକ୍ତାଧାରାକୁ ଯେପରି ଗ୍ରହଣ କରିନେଲା ତା' ମୂଳରେ ଥିଲା ନାଟକର ବାର୍ତ୍ତାକୁ ସାଧାରଣ ଦର୍ଶକ ନିକଟରେ ପହଞ୍ଚାଇବା ଓ ନାଟ୍ୟ ଆଙ୍ଗିକକୁ ଯଥାସମ୍ଭବ ଜଟିଳତାରୁ ମୁକ୍ତ କରିବା। ତେବେ ଓଡ଼ିଆ ନାଟ୍ୟସାହିତ୍ୟର ବିଜ୍ଞ ସମୀକ୍ଷକ ଓ ଗବେଷକମାନେ ଲକ୍ଷ୍ୟ କରିବେ ଯେ ଧୀରେ ଧୀରେ ନାଟକରେ ଏହି ମୁକ୍ତଚିନ୍ତା ଓ ମୁକ୍ତରୀତି କିପରି ନିମଜ୍ଜିତ ହୋଇପଡୁଛି ଉତ୍ତର ଆଧୁନିକ ନାଟ୍ୟଚିନ୍ତା ସହିତ । ସମୟର ଆହ୍ୱାନ ଓ ଦାବି ସହ ପାଦ ମିଳେଇ ଚାଲିଛନ୍ତି ଆମର ପ୍ରବୀଣ ନାଟ୍ୟକାର ବୃନ୍ଦ - ମନୋରଂଜନ, ବିଜୟ ମିଶ୍ର, ରମେଶ ପାଣିଗ୍ରାହୀ, କାର୍ତ୍ତିକ ରଥ, ରତ୍ନାକର ଚଇନି, ସୁବୋଧ ପଟ୍ଟନାୟକ ପ୍ରଭୃତି ୧୯୮୦ ପରବର୍ତ୍ତୀ କାଳରେ ।"(୧) (ଉତ୍ତର ଆଧୁନିକତା : ବିଚାର ଓ ବିତର୍କ, ପୃ. ୨୫୮)

ପରୀକ୍ଷାଧର୍ମୀ ନାଟକରେ ଅଣନିଶ୍ୱାସୀ ହୋଇପଡ଼ିଥିଲା ଦର୍ଶକଙ୍କୁ ପୁଣିଥରେ ମଞ୍ଚମୁହାଁ କରିବା ଦରକାର ଥିଲା । ଏକଥା ଭଲଭାବେ ବୁଝିସାରିଥିଲେ ନାଟ୍ୟକାରମାନେ । ନବୀନମାନଙ୍କ ସହ ପ୍ରବୀଣ ନାଟ୍ୟକାରଗଣ ମଧ୍ୟ ଏଥର ଦର୍ଶକର ରୁଚିକୁ ଦୃଷ୍ଟିରେ ରଖିନାଟକ ରଚନା କରିବାକୁ ଚେଷ୍ଟା କଲେ। ପାରମ୍ପରିକ ନାଟ୍ୟଶୈଳୀର ପ୍ରୟୋଗରେ ଆଧୁନିକ ଚିନ୍ତା ଚେତନାକୁ ନେଇ ସୃଷ୍ଟି ହେଲା ଏକ ଭିନ୍ନ ସ୍ୱାଦର ନାଟକ । କିଛି ଏହାକୁ ଉତ୍ତର ଆଧୁନିକତାର ପ୍ରଭାବ ବୋଲି କହିଲେ । ଆଉ କେହି କହିଲେ ଓଡ଼ିଆ ନାଟକ ଆକାଶ ଛାଡ଼ି ଫେରିଲା ମାଟିକୁ । ଫେରିଲା ଦର୍ଶକ ପାଖକୁ । ତେବେ ଏଇ ନୂତନ ଯୁଗଚେତନାକୁ ଆଦରିନେଇ ଯେଉଁ ପ୍ରବୀଣ ନାଟ୍ୟକାରଗଣ ସେମାନଙ୍କ ନାଟ୍ୟରୀତିରେ ପରିବର୍ତ୍ତନ ଆଣିଲେ ସେମାନଙ୍କ ମଧ୍ୟରେ କାର୍ତ୍ତିକ ରଥ ଅନ୍ୟତମ ସଫଳସ୍ରଷ୍ଟା ଭାବେ ପାଇଛନ୍ତି ଦର୍ଶକୀୟ ଆଦୃତି । ଅଧିକାଂଶ ନାଟକରେ ସେ ଶୁଣାଇଛନ୍ତି ସମାଜର ପରିବର୍ତ୍ତନର ସ୍ୱର ଝଙ୍କାର । କାରଣ ଅବକ୍ଷୟିଷ୍ଣୁ ସାମାଜିକ ଅବସ୍ଥା, ମୂଲ୍ୟବୋଧର ବିପର୍ଯ୍ୟୟ ତାଙ୍କୁ ଗଭୀରଭାବେ ପ୍ରଭାବିତ କରିଛି ।

ଘୁଣଖିଆ ସମାଜ ବ୍ୟବସ୍ଥା ବିରୋଧରେ ଯୁଗେ ଯୁଗେ ସ୍ରଷ୍ଟା ଦେଇଛି ବିଦ୍ରୋହର ଡାକରା । ବଦଳାଇବାକୁ ଚାହିଁଛି ନିତିଭ୍ରଷ୍ଟ ସମାଜକୁ । ସାମାଜିକ ପରବର୍ତ୍ତନ ସଂପର୍କରେ ସମାଲୋଚକ W. R. Goodmanଙ୍କ ମନ୍ତବ୍ୟକୁ ଲକ୍ଷ୍ୟ କରାଯାଉ ।– "In all of us, motivators to change are opposed by resistances to change. The factors that determined thesemotivations and resistances are cultural, social and psychological."(2)(George M.Foster, Traditional Cultures: and the impact of technological Change, p.4.)

୧୯୬୬ ମସିହାରେ 'ଜୀବନଯଜ୍ଞ' ନାଟକ ଲେଖିନାଟ୍ୟକାର ଜୀବନ ଆରମ୍ଭ କରିଥିଲେ କାର୍ତ୍ତିକ ଚନ୍ଦ୍ର ରଥ । ଏହି ସମୟ ଭାରତ ତଥା ଓଡ଼ିଶା ଥିଲା ଘଡିସନ୍ଧି ମୁହୂର୍ତ୍ତ। ସାମାଜିକ ବିପର୍ଯ୍ୟୟ ମଧ୍ୟରେ ହାହା କାର କରୁଥିଲା ଆଦର୍ଶବୋଧ । ରାଜନୀତିର ବିଷପାନ କରିବାକୁ ଆରମ୍ଭ କରିଥିଲେ ସାଧାରଣ ଲୋକେ । ସ୍ୱାଧୀନତାର ମୋହଭଙ୍ଗ ହୋଇସାରିଥିଲା। ସାମାଜିକ, ଅର୍ଥନୈତିକ ଦୂରତା ବଢ଼ିଚାଲିଥିଲା ଲୋକଙ୍କ ଭିତରେ । ଶିକ୍ଷାର ପ୍ରସାର ହୋଇଥିଲେ ମଧ୍ୟ ଚାକିରୀ ଅଭାବରୁ ଶିକ୍ଷିତ ବେକାର ସମସ୍ୟା ଦୋହଲେଇ ଦେବାକୁ ଆରମ୍ଭ କରିଥିଲା ଦେଶର ମେରୁଦଣ୍ଡକୁ । ପ୍ରେମ ସ୍ୱର୍ଗୀୟ ଅନୁଭବ ବଦଳରେ ଦେହଜ କାମନାରେ ପରିଣତ ହୋଇସାରିଥିଲା । ଅର୍ଥପାଇଁ କିଛି ବି କରିବାକୁ ପଛାଉନଥିଲା ମଣିଷ ।ହିଂସା, ଈର୍ଷା, ଅବିଶ୍ୱାସର ରାଜୁତି ଚାଲିଥିଲା ସମାଜରେ । ଯେଉଁଥିରୁ ଆମ ସମାଜ ଆଜି ପର୍ଯ୍ୟନ୍ତ ମଧ୍ୟ ମୁକୁଳିପାରିନି ବୋଲି କ୍ଷୋଭର ସହ କହିବାକୁ ପଡୁଛି। ଏହି ସାମାଜିକ ବିପର୍ଯ୍ୟୟ ହିଁ ଗଭୀର ପ୍ରଭାବ ପକାଇଥିଲା ନାଟ୍ୟକାର କାର୍ତ୍ତିକ ରଥଙ୍କ ଉପରେ । ତାଙ୍କ ନାଟକଗୁଡ଼ିକ ଥିଲା ଏହାର ନିରବ ପ୍ରତିବାଦ ।

ସପ୍ତମ ଦଶକରୁ ଓଡ଼ିଆ ନାଟ୍ୟ ଜଗତର ସହ ସମ୍ପର୍କ ଯୋଡ଼ିଥିବା କାର୍ତ୍ତିକ ରଥ ମଧ୍ୟ ଯୁଗରୁଚିକୁ ସମ୍ମାନ ଦେଇ ପରିବର୍ତ୍ତିତ କରିଛନ୍ତି ତାଙ୍କ ନାଟ୍ୟରୀତିକୁ । ଖାଲି ନାଟ୍ୟକାର ନୁହନ୍ତି, ନାଟ୍ୟ ସଂଗଠନ ଭାବେ ତାଙ୍କ ନାଁ ଶ୍ରଦ୍ଧା ଓ ସମ୍ମାନର ସହ ଉଚ୍ଚାରିତ ହୁଏ । କଟକରେ ଦୀର୍ଘବର୍ଷ ହେବ ବିଶ୍ୱ ନାଟ୍ୟମେଳାର ଆୟୋଜନ କରି ସେ ଓଡ଼ିଆ ନାଟକ ଓ ଦର୍ଶକଙ୍କୁ ବିଶ୍ୱ ନାଟକ ସହ ପରିଚିତ କରିବା ସହ ନାଟକ ପାଇଁ ଯେଉଁ ପରିବେଶ ସୃଷ୍ଟି କରୁଛନ୍ତି ତାହା ନିଶ୍ଚିତ ରୂପେ ଓଡ଼ିଆ ନାଟକ ପାଇଁ ଅତିବ ଶୁଭ ଖବର । ୧୯୬୬ ମସିହାରେ ସେ ଲେଖିଥିବା 'ଜୀବନ ଯଜ୍ଞ' ନାଟକ ୧୯୭୨ରେ ଆଲ୍ଲାହାବାଦରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରତିଯୋଗୀତାରେ 'କଳାତୀର୍ଥ' ତରଫରୁ ମଞ୍ଚସ୍ଥ କରାଯାଇଥିଲା । ଏହା ପରଠୁଁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି । ଗୋଟିଏ ପରେ ଗୋଟିଏ ସଫଳ ନାଟକ ଲେଖିସେ ଚାହିଁଛନ୍ତି ସମାଜର ପରିବର୍ତ୍ତନ । ନାନା ସମସ୍ୟାକୁ ଉପସ୍ଥାପିତ କରିଛନ୍ତି ମରେ । ସମୟ ଅନୁସାରେ ଦର୍ଶକ ରୁଚି ଓ ମନୋରଂଜନକୁ ଗୁରୁତ୍ୱ ଦେବା ସହ ସମାଜ ପରିବର୍ତ୍ତନର ସ୍ୱର ଝଙ୍କାର ତୋଳିଛନ୍ତି ତାଙ୍କ ନାଟକରେ ।

ସାମାଜିକ ସମସ୍ୟା ନ ଥିଲେ ନାଟକ ଅପୂର୍ଣ୍ଣ ଅପୂର୍ଣ୍ଣ ଲାଗେ । ସେଥିପାଇଁ ସାମାଜିକ ସମସ୍ୟା ସହ ସମାଜ ପରିବର୍ତ୍ତନର ସ୍ୱର ଶୁଣିବାକୁ ମିଳେ ନାଟକରେ । ସମାଲୋଚକ W. R. Goodmanଙ୍କ ମତରେ- "Conflicts between the individual and society lay the material and nspiration for the problem play write. The problem drama of the age wasmainly concerned with the impact of the prevailing social laws and morality on human lifeand directed

attention to the question of individual rights vis-a-vis theobligations imposed by society."(3) (W. R. Goodman: Quintessence of literary essays, p.398)।

ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ନାଟକଗୁଡ଼ିକ ଉପରେ ନଜର ପକାଇବା ।– 'ଜୀବନ ଯଜ୍ଞ' (୧୯୬୬), 'ଉପତ୍ୟକା' (୧୯୬୭), 'କ୍ରୀତଦାସ' (୧୯୬୭), 'ସ୍ୱୟମ୍ବର' (୧୯୬୮), 'ଅନ୍ଧାରର ଆଇନା' (୧୯୬୮), 'ଜଉଘର' (୧୯୬୯), 'ସ୍ୱର୍ଗଦ୍ବାର' (୧୯୬୯), 'ଅବଶିଷ୍ଟ' (୧୯୭୦), 'ସମୁଦ୍ରର ରଙ୍ଗ ଯନ୍ତ୍ରଣା' (୧୯୭୦), 'ସ୍ମୃତି ସାନ୍ତ୍ୱନା ଓ ଶୂନ୍ୟତା' (୧୯୭୧), 'ତୃତୀୟ ପୃଥିବୀ' (୧୯୭୨), 'ଆଗାମୀ ଅତୀତ' (୧୯୭୩), 'ଅନ୍ୟ ଆକାଶ' (୧୯୭୩), 'ଆଜିର ରାଜା' (୧୯୭୩), 'ବହ୍ନିମାନ'(୧୯୭୫), 'ଈଶ୍ୱର ଜଣେ ଯୁବକ'(୧୯୭୬), 'ମାଂସର ଫୁଲ' (୧୯୭୮), 'ମୁଁ ଦୁହେଁ' (୧୯୮୦), 'ଶୁକଶାରୀ କଥା' (୧୯୮୧), 'କଟକ ନଗର ବରଷ ହଜାର' (୧୯୮୯), 'ଚଇତି ଘୋଡ଼ା', 'ଚାରିକାନ୍ଥର ନାଟକ', 'ଚନ୍ଦ୍ରବିନ୍ଦୁ', 'ଚିରନ୍ତନ ବର୍ତ୍ତମାନ', 'ମହାଭାରତର ଅନ୍ତିମ ପର୍ବ', 'ଦ୍ୱିତୀୟ ଦ୍ରୌପଦୀ', 'ଅଥଚ ରାମାୟଣ', 'ଶହୀଦ ଭଗତ ସିଂହ', 'ଜଙ୍ଗଲୀ ସହର', 'ଯେହେତୁ ସ୍କାଇଲାବ୍', 'ଶୁଖିଲା ମାଟିର ଲୁହ', 'ରକ୍ତର ଫୁଲ' (୧୯୯୭), 'ପାଦତଳର ଆକାଶ' (୧୯୯୭), 'ଶହିଦ୍ ଭଗତସିଂହ' (୧୯୮୫) ପ୍ରଭୃତି ନାଟକର ସ୍ରଷ୍ଟା କାର୍ତ୍ତିକ ଚନ୍ଦ୍ର ରଥ । ଏହା ବ୍ୟତୀତ ସେ 'ନିଃସଙ୍ଗ ବିସର୍ଗ' ପରି କେତେକ ଛୋଟ ନାଟକ ସଂକଳନ ମଧ୍ୟ ଲେଖିଛନ୍ତି ।

୧୯୭୫ ମସିହାର ନାଟକ 'ମାଂସର ଫୁଲ' ୧୯୭୮ ମସିହାରେ ରାଉରକେଲା ଲୋକ ନାଟକ ମହୋତ୍ସବରେ ମଞ୍ଚସ୍ଥ ହେଇଥିଲା । ଶ୍ରେଣୀ ସଂଘର୍ଷକୁ ଭିନ୍ନ ରୂପରେ ଉପସ୍ଥାପିତ କରାଯାଇଥିଲା ନାଟକଟିରେ । ଅତ୍ୟାଚାରୀ ଧନୀକ ଗୋଷ୍ଠୀର ପ୍ରତୀକ ଭାବେ କୁମାର ଚରିତ୍ରକୁ ଉପସ୍ଥାପିତ କରାଯାଇଛି । ଝରି ଓ ମକରାଙ୍କର ସ୍ୱପ୍ନକୁ ସେ ଭାଙ୍ଗି ଦେଇପାରେ। ରତନାର ଜୀବନ ନଷ୍ଟ କରିଦେବାରେ ତା'ର ମନ ବିରୋଧ କରେନା। କାରଣ ଅର୍ଥ, ପ୍ରତିପତି ଦ୍ୱାରା ସେ ଆଇନକୁ ହାତମୁଠାକୁ ନେଇଯାଇପାରେ। ପରିଣତିରେ ଗୁଙ୍ଗା ଦ୍ୱାରା କୁମାରର ଅନ୍ତରେ ନାଟକକୁ ଦର୍ଶକୀୟ ଆଦୃତି ମିଳିଛି । ଅତ୍ୟାଚାରୀକୁ ଜବାବ ଦିଆହୋଇଛି ଦୃଢ଼ଭାବେ । ଯେତେବେଳେ ସାଧାରଣ ଗରୀବ ଜନତା ପ୍ରତିଶୋଧ ନେବାକୁ ଆଗେଇ ଆସେ, ସେତେବେଳେ କୁମାର ପରି ଅତ୍ୟାଚାରୀ ଧନୀକୁ ଗୋଷ୍ଠୀଙ୍କର ଧ୍ୱଂସ ନିଶ୍ଚିତ । କୁମାରକୁ ଧ୍ୱଂସ କରିବାକୁ ମଶାଲ ଧରି ଆଗେଇ ଆସୁଥିବା ଗୁଙ୍ଗା କୁହେ–

"ଗୁଙ୍ଗା: ମୁଁ ଆଜି ଏଇ ଦୁନିଆକୁ ଦେଖେଇ ଦବାକୁ ଚାହେଁ – ମୋ ହାତରେ ଜଳୁଥିବା ମଶାଲର ଏଇ ନିଆଁରେ ଅସୁମାରି କ୍ଷେତ ମଜୁରିଆ, ଦୀନ-ଦୁଃଖୀ, ଫୁଙ୍ଗୁଲା ମଣିଷ, ଅନେକ ଅନେକ ଅଛବ ସନ୍ତାନ- ସମସ୍ତେ ମିଶି ମଣିଷ ଭଳି ମଣିଷ ହେଇ ବଞ୍ଚିବା ପାଇଁ ଜଳି ଚାଲିଛନ୍ତି! ଆଉ ବାଟରେ ଯେତେ କୁମାର ବାବୁ ଆସୁଚନ୍ତି, ସେମାନଙ୍କୁ ଜାଳିପୋଡ଼ି ମାଡ଼ି ଚାଲିଚନ୍ତି... ଜାଳିପୋଡ଼ି ମାଡ଼ି ଚାଲିଚନ୍ତି!! ।"(୪) ବଳିଷ୍ଠ ସଂଳାପ ମାଧ୍ୟମରେ ନାଟ୍ୟକାର ନାଟକର ବାର୍ତ୍ତାକୁ ଦୃଢ଼ଭାବେ ପହଞ୍ଚାଇଛନ୍ତି ଦର୍ଶକ ପାଖରେ, ବୁଣିଛନ୍ତି ବିପ୍ଳବର ବାର୍ତ୍ତା।

ସାମାଜିକ ଅଙ୍ଗୀକାରବଦ୍ଧତାକୁ ଗୁରୁତ୍ୱ ଦିଅନ୍ତି ନାଟ୍ୟକାର କାର୍ତ୍ତିକ ରଥ ।'ମାଂସର ଫୁଲ' ନାଟକର ଆରମ୍ଭରେ 'ଚିନ୍ତା'ରେ ନାଟ୍ୟକାର ଦେଇଥିବା ମନ୍ତବ୍ୟକୁ ଲକ୍ଷ୍ୟ କରାଯାଏ ।– "ଆଜିର ନାଟ୍ୟକାର ସଂପୂର୍ଣ୍ଣ ରୂପେ ଜୀବନ ଓ ସମାଜ ସଂପର୍କରେ ସଚେତନ । ତୀକ୍ଷଣ ବାସ୍ତବ ଜ୍ଞାନ, ନିର୍ମୋହ ଜୀବନ ଚେତନା, ବୈଜ୍ଞାନିକ ବିଶ୍ଳେଷଣ, ମନସ୍ତାତ୍ତ୍ୱିକ ମନ୍ଥନ, ସତ୍ୟର ଅକୁଣ୍ଠ ଅନାବରଣ ପ୍ରକାଶ ହିଁତାଙ୍କର ସ୍ୱାତନ୍ତ୍ର୍ୟ। ଆଜି ରାଜନୀତି ଓ ସାମାଜିକ ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ କାମନାରେ ଉଜ୍ଜୀବିତ... ଅବକ୍ଷୟୀ ସମାଜର ରୁଗ୍ଣ ସ୍ତମ୍ଭକୁ ବିଦୀର୍ଣ୍ଣ କରି ନୂତନ ଭାବନାରେ ଉଦ୍ଦୀପ୍ତ... ଶୋଷିତ-ଲାଞ୍ଛିତ ମଣିଷର ଅପରାଜେୟ ସଂଗ୍ରାମରେ ଉଦ୍‌ବେଳିତ-ସାଂପ୍ରତିକ ଓଡ଼ିଆ ନାଟକ ଅଗ୍ନି-ପ୍ରତ୍ୟୟରେ ଦୀପ୍ୟମାନ, ନୂତନ ମାନବିକ ମୂଲ୍ୟବୋଧରେ କୀର୍ତ୍ତିମାନ ତଥା ଇତିହାସର ଅଭିନବ ସ୍ରଷ୍ଟା ସର୍ବହରାର ବିଜୟ ଅଭିଯାନରେ ଶକ୍ତିମାନ ।"(୫) (ରଥ, କାର୍ତ୍ତିକ ଚନ୍ଦ୍ର : ମାଂସର ଫୁଲ, ଚିନ୍ତା, ପ୍ରକାଶକ-ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ଚତୁର୍ଥ ସଂସ୍କରଣ, ୧୯୯୩)

ଯୁଗଯୁଗର ସାମାଜିକ ବ୍ୟାଧି, ଜାତିଭେଦ, ଧନୀ ଦରିଦ୍ରର ସଂଘର୍ଷର ଶେଷ ଚାହୁଁଛନ୍ତି ନାଟ୍ୟକାର । ସନିଆ ଚରିତ୍ର ମୁହଁରେ ଦେଇଥିବା ତାଙ୍କ ବୈପ୍ଳବିକ ସଂଳାପକୁ ଲକ୍ଷ୍ୟ କରାଯାଉ ।–

"ସନିଆ ଦା', କୁହ୍ରାଡ଼ି, ଠେଙ୍ଗା, ବର୍ଚ୍ଛାରେ ଆଜିଯାଏ ୟାର ଫଇସଲା ହେଇନି କି କେହି ବି କେବେହେଲେ କରିପାରିବେନି । ଏଥିପାଇଁ ଛାତିରେ ଦମ୍ ଥିବା ଦରକାର । କାନ୍ଧରେ କାନ୍ଧ ମିଳେଇ ମାଡ଼ିଚାଲିବା ଦରକାର । ଜାତି-ଭେଦ, ଧନୀ-ଗରୀବର ଏ ଯୋଉ ସଂଘର୍ଷ ଚାଲିଛି- ୟା'ର ମୋଟା ବିଷାକ୍ତ ଚେର ମାଟିର ବହୁ ଭିତରକୁ... ଅନେକ ଗହୀରକୁ ମାଡିଯାଇଚି । ଏ ବିଷ ଫଳର ଝଙ୍କାଳିଆ ଗଛଟାର ମୋଟା ପୁରୁଣା ଗଣ୍ଡିଟାକୁ କାଟି ଫୋପାଡିଦେଲେ ଗଛଟା କେବେହେଲେ ମରିଯିବନି । ଆଉ ସେଇଥିପାଇଁ ଆମ ସମସ୍ତଙ୍କୁ ମିଶି ଏକ୍ ସେଙ୍ଗ ଜୋର ଲଗାଇ ଏକା ଦମ୍‌ରେ ଚେର ସହ ଗଛଟାକୁ ଉପାଡି ଫୋପାଡି ଦବାକୁ ପଡିବ ।"(୬) (ମାଂସର ଫୁଲ, ପୃ.୮୯-୯୦)

ଆଜିର ସମାଜରେ ସରଳ ଆଦିବାସୀ ଯୁବତୀ ଝରିଇଜତ ଲୁଟିନେଉଛନ୍ତି କୁମାର ବାବୁ ପରି ଉଚ୍ଚ ପାହାଚର ଲୋକେ । କୁମାର ବାବୁଙ୍କ ଆଶୀର୍ବାଦରେ ନିର୍ବାଚନ ଲଢ଼ି ଗାଉଁଲି ପଦିଆମାନେ ପଦ୍ମନାଭ ପାଲଟିଯାଇ ଗାଁର ମଣିଷକୁ ଭୁଲିଯାଉଛନ୍ତି। ନିର୍ବାଚନବେଳେ ଦିଆଯାଇଥିବା ମିଛ ପ୍ରତିଶ୍ରୁତିକୁ ରାଜନେତାମାନେ ଭୁଲିଯାଉଛନ୍ତି । ଗରୀବ ଉପରେ ଧନୀକ ପୁଞ୍ଜିପତି ଶ୍ରେଣୀର ଅତ୍ୟାଚାର ବଢ଼ିଚାଲିଛି ଦିନକୁ ଦିନ ।'ମାଂସର ଫୁଲ' ନାଟକରେ ଏଭଳି ସାମାଜିକ ଅବକ୍ଷୟର ଚିତ୍ର ଉପସ୍ଥାପିତ କରିବା ସହ ନାଟ୍ୟକାର ଗୁଙ୍ଗା ଚରିତ୍ର ହାତରେ ନିଆଁହୁଳା ଧରାଇ ସାମାଜିକ ବିପ୍ଳବର ଆହ୍ୱାନ ଦେଇଛନ୍ତି ।

ସାମାଜିକ ବୈଷମ୍ୟ ବିଚଳିତ କରିଛି ସ୍ରଷ୍ଟାଙ୍କୁ । ବିଦ୍ରୋହୀ ହୋଇଛନ୍ତି ସ୍ରଷ୍ଟା । ସୃଷ୍ଟି ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଛନ୍ତି ସେ ।'ସମୁଦ୍ରର ରଙ୍ଗ ଯନ୍ତ୍ରଣା' ନାଟକରେ ଏଇ ବିଦ୍ରୋହର ସ୍ୱର ଆହୁରି ସ୍ୱଷ୍ଟ ।- "ତେବେ ଆଜିର ବିଦ୍ରୋହ ପ୍ରଭୁ ବିରୁଦ୍ଧରେ କ୍ରୀତଦାସର ନୁହେଁ କିମ୍ବା ଧନୀ ବିରୁଦ୍ଧରେ ସର୍ବହରାର ନୁହେଁ; ଏ ହେଉଛି ଏକ ଅତିନ୍ଦ୍ରୀୟ (Metaphysical) ବିଦ୍ରୋହ । ଏହି ବିଦ୍ରୋହ ମଣିଷର ସ୍ଥିତି/ସର୍ତ୍ତ/ପରିବେଶ ବିରୁଦ୍ଧରେ । ପୁନରାବୃତ୍ତିର ମୁଖା ପିନ୍ଧି ଚାଲିଥିବା ପୁରୁଣା ପୃଥିବୀ ବିରୁଦ୍ଧରେ । ଏପରିକି ସ୍ୱୟଂ ସୃଷ୍ଟି ବିରୁଦ୍ଧରେ ।"(୭) (ସମୁଦ୍ରର ରଙ୍ଗ ଯନ୍ତ୍ରଣା, ପୃ.୨)

ନାଟ୍ୟକାରଙ୍କ ଆଉ ଏକ ଚର୍ଚ୍ଚିତ ନାଟକ 'ଈଶ୍ୱର ଜଣେ ଯୁବକ'। ପାରମ୍ପରିକ ନାଟ୍ୟଶୈଳୀ ଅନୁସାରେ ସୂତ୍ରଧର ନାଟକଟିକୁ ଉପସ୍ଥାପିତ କରିଛନ୍ତି ଦର୍ଶକଙ୍କ ଆଗରେ । ସର୍ବଗୁଣ ଥାଇ ବି ଜଣେ ଯୁବକ ଆଜିର ସମାଜରେ ଉପେକ୍ଷିତ । ଚାକିରୀ ଖଣ୍ଡେ ନ ପାଇ ସେ ସମସ୍ତଙ୍କ ପାଇଁ ପାଲଟି ଯାଇ ଉପହାସର, ଦୟାର ପାତ୍ର । ସେଇ ଯୁବକ ହିଁସର୍ବଶକ୍ତିମାନ ଈଶ୍ୱର । ଯିଏକି କାଠଗଡାର ଆସାମୀ ପାଲଟି ଯାଇଛି ନାଟକଟିରେ । ନାଟକର ପରିଣତିରେ ଗୋଲକପୁର ଛାଡ଼ି ମକୁ ଧାଇଁ ଆସିଛନ୍ତି ସ୍ୱୟଂ ଶ୍ରୀକୃଷ୍ଣ । ଯୁବକକୁ କହୁଛନ୍ତି – "ତୁମେ ସଂଗ୍ରାମ କର ତୁମେ ଯେ ମୋର ସଖା ଏବଂ ମୁଁ ହେବି ତୁମ ସାରଥି ।" ଈଶ୍ୱରଙ୍କର ଏଇ କଥାରେ ସାଂପ୍ରତିକ ଯୁବ ସମାଜକୁ ସଂଗ୍ରାମ କରିବାକୁ ପ୍ରେରଣା ମିଳେ । ତେବେ 'ଯଦା ଯଦାହି ଧର୍ମସ୍ୟ' ଶ୍ଳୋକ ଆବୃତ୍ତି ଭିତରେ ନାଟକର ଯବନିକା ନଇଁଆସୁଛି । ଲୋକ ଉପାଦାନ ପ୍ରୟୋଗରେ ଏଇ ମିଥ୍‌ଧର୍ମୀ ନାଟକଟି ବହୁଭାବେ ସଫଳତା ପାଇଥିଲା ।

'ଈଶ୍ୱର ଜଣେ ଯୁବକ' ନାଟକରେ ଆଜିର ଅସହାୟ ଯୁବଗୋଷ୍ଠୀଙ୍କର ସମସ୍ୟାରେ ବିଚଳିତ ହୋଇଛନ୍ତି ନାଟ୍ୟକାର। ଅନେକ ଅର୍ଥ, ଶ୍ରମ ବଦଳରେ ଶିକ୍ଷିତ ହେଉଛନ୍ତି ସେମାନେ । ହେଲେ ଚାକିରୀ ନଥିଲେ ଏ ସଫଳତା ଯେ ମୂଲ୍ୟହୀନ । ସେମାନଙ୍କୁ ସମାଜର ବିଷାକ୍ତ ବଳୟରେ ପେଶି ହେବାକୁ ପଡୁଛି ତେଣୁ ଘୁଣଖିଆ ସମାଜର ରୁଗ୍‌ଣ, ପଚମାନ ବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରୁଛି ଆଜିର ଯୁବକ । ସବୁକିଛିକୁ ଧ୍ୱଂସ କରିଦେବାକୁ ଘୋଷଣା କରୁଛି ସେ ।–

"ମୁଁ ଘୋଷଣା କରୁଛି ମୋ ନା ଈଶ୍ୱର
ମୁଁ ଜଣେ ଯୁବକ, ଜଣେ ଈଶ୍ୱର ଏ ପୃଥିବୀର
ସବୁକିଛିକୁ ସୃଷ୍ଟି କରିଛନ୍ତି
ଏବଂ ମୁଁ ଆଜି ଦ୍ୱିତୀୟ ଈଶ୍ୱର ସାଜି
ଏ ପୃଥିବୀର ସବୁକିଛିକୁ ଧ୍ୱଂସ କରିବି
କାରଣ ପରିବର୍ତ୍ତନ ନୁହେଁ,
ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ ହିଁମୋର ଧର୍ମ ।"(୮) (ଈଶ୍ୱର ଜଣେ ଯୁବକ, ପୃ.୧୧୩)

ସେପଟେ ଲୋକନାଟ୍ୟ ଶୈଳୀରେ ନାଟ୍ୟକାର ଅନ୍ୟ ଏକ ନାଟକ 'ଚଇତି ଘୋଡ଼ା' ରଚନା କରିଛନ୍ତି । ପାରମ୍ପରିକ ଶୈଳୀରେ ରଚିତ ନାଟକଟି ସାଂପ୍ରତିକ ସମାଜର ନଷ୍ଟ ମୂଲ୍ୟବୋଧ ଓ ବିଷାକ୍ତ ପାରିବାରିକ ପରିବେଶ ପ୍ରତି ପ୍ରଶ୍ନବାଚୀ ଠିଆ କରିଛି ।

ନାଟ୍ୟକାର ମୁକ୍ତଧାରାର ଶୈଳୀକୁ ପ୍ରୟୋଗ କରି ରଚନା କରିଥିବା 'ବହ୍ନିମାନ' ନାଟକଟି ତାଙ୍କର ଅନ୍ୟତମ ସଫଳ ନାଟକ । ଲୋକନାଟ୍ୟର ପ୍ରୟୋଗ ନାଟକଟିକୁ କରିଥିଲା ରସସିକ୍ତ । ଏଥିରେ ବି ଶ୍ରେଣୀ ସଂଘର୍ଷର ଚିତ୍ର ରୂପ ପାଇଛି । ନାଟକଟିରେ ଆଧୁନିକ ମଣିଷର ପ୍ରତିନିଧି ଯୁବକ ବିପ୍ଳବର ପ୍ରତୀକରେ ପରିବର୍ତ୍ତିତ ହୋଇଯାଇଛି । ଧନୀକ ଅତ୍ୟାଚାରୀର କନ୍ୟା ମିତ୍ରା କିନ୍ତୁ ସମର୍ଥନ କରେ ଶ୍ରମିକ ଗୋଷ୍ଠୀଙ୍କୁ । ତା'ର ସଂଳାପକୁ ଲକ୍ଷ୍ୟ କରାଯାଉ –

"ମିତ୍ର: ସେଇ ମାମୁଲି ମଜଦୁର ଆଜି ଧନର ବୋଝରେ ବୁଡ଼ିଯାଉଥିବା ଆପଣଙ୍କର ଭେଳାଟାକୁ ମାନବିକତାର କୂଳରେ ଲମ୍ବେଇ ଦେବାପାଇଁ ଆସିଥିଲା Daddy।"(୯) (ବହ୍ନିମାନ, ପୃ.୭୬)

ନାଟକଟିରେ ଶାସକ ଶୋଷିତର ଦ୍ୱନ୍ଦ୍ୱକୁ ଦେଖାଇ ଦେବା ସହ ସମାଜ ପରିବର୍ତ୍ତନର ସ୍ୱରଝଙ୍କାର ଶୁଣାଇଛନ୍ତି ନାଟ୍ୟକାର। ଉତ୍ତର ଆଧୁନିକ ଶୈଳୀରେ ଲୋକନାଟ୍ୟ ଧାରାକୁ ଗୁରୁତ୍ୱ ଦେବା ସହ ଗୀତିନାଟ୍ୟ ଦେଇ ଓଡ଼ିଆ ନାଟକର ବିକାଶ ପର୍ବକୁ ଲକ୍ଷ୍ୟ କରାଯାଇପାରେ ।

'ବହ୍ନିମାନ' ନାଟକଟିରେ ନାଟ୍ୟକାର ଶ୍ରେଣୀ ସଂଘର୍ଷର ଚିତ୍ର ରୂପାୟିତ କରିଛନ୍ତି । ଏଥିରେ ଲୋକ ସଂଗୀତର ପ୍ରୟୋଗ ତଥା ବିଦୂଷକ ଓ ନୟତି ଭଳି ଚରିତ୍ର ମାଧମରେ କାହାଣୀ ଉପସ୍ଥାପିତ କରାଯାଇଛି । ଯାହାକି ଦର୍ଶକଙ୍କୁ ନାଟକ ସହ ବାନ୍ଧି ରଖିବାରେ ସହାୟକ ହୋଇଛି । ରାଜା, ଜମିଦାର, ପୁଞ୍ଜିପତି ଓ ଯନ୍ତ୍ରକାରକୁ ଗୋଟିଏ ବ୍ୟକ୍ତି ଭାବରେ ପରିକଳ୍ପନା କରାଯାଇଥିବାବେଳେ ବିଦୂଷକ, ଗୁମାସ୍ତା, ମ୍ୟାନେଜର ଓ ସହକାରୀଙ୍କୁ ଗୋଟିଏ ବ୍ୟକ୍ତି ଭାବରେ ପରିକଳ୍ପନା କରାଯାଇଛି । ଏସବୁ ପରୀକ୍ଷା-ନିରୀକ୍ଷା ମଧ୍ୟରେ କିନ୍ତୁ ନାଟ୍ୟକାର ତାଙ୍କ ସାମାଜିକ ଦାୟବଦ୍ଧତାକୁ ଭୁଲି ଯାଇନାହାନ୍ତି । ଗରୀବ ଶ୍ରମିକ ଉପରେ ପୁଞ୍ଜିପତିର ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉଠାଇଛନ୍ତି ସେ । ରାଜକନ୍ୟା ହୋଇ ମଧ୍ୟ ସାଧାରଣ ମଣିଷ ପାଇଁ ଦରଦୀ ହୋଇଛି ମିତ୍ରା । ତା'ପାଖରେ ବଂଶ, ଆଭିଜାତ୍ୟ ଅପେକ୍ଷା ଶ୍ରମର ମୂଲ୍ୟ ବଡ଼ । ସେ ଶ୍ରମ ଓ ଶ୍ରମିକଙ୍କୁ ସମ୍ମାନ ଦେଇଜାଣେ । ଧନୀ ଓ ଗରୀବ ମଧ୍ୟରେ ଦୂରତା କଷ୍ଟ ଦେଇଛି ପୁଞ୍ଜିପତିର କନ୍ୟା ମିତ୍ରାକୁ । ଭୋଗବିଳାସ ଭିତରେ ବଢ଼ିଥିବା ମିତ୍ରା ମେହେନତି ମଣିଷଙ୍କ ପାଇଁ ନିଜ ପିତାଙ୍କୁ ଛାଡ଼ିବାକୁ ରାଜି ହେବା ଦର୍ଶକ ହୃଦୟକୁ ଆନ୍ଦୋଳିତ କରେ ।–

"ମିତ୍ରା: ମୁଁ ମଜଦୁର ମାନଙ୍କର ସେଇ ନୁଆଁଣିଆ ଚାଳର ଛାତ ତଳକୁ ଚାଲିଯାଉଛି ଉବୟୟଚ । ଧନୀ ଆଉ ଗରୀବ ଭିତରେ ଏତେଦିନ ଧରି ରହିଆସିଥିବା ବ୍ୟବଧାନଟାକୁ କମ୍ କରିବାପାଇଁ ମୋର ଏଇଟା ଗୋଟଏ ଦୁର୍ବଳ ଚେଷ୍ଟା କିନ୍ତୁ ଆପଣ ଦେଖିବେ ଆସନ୍ତାକାଲିର ପ୍ରତ୍ୟେକଟି ମଜଦୁର ଇ

ହେବେ ଏ ଦେଶର ଶିଳ୍ପ କାରଖାନର ସର୍ବମୟ କର୍ତ୍ତା।।"(୧୦) (ବହ୍ନିମାନ, ପୃ.୭୭)

ଆସନ୍ତୁ ନଜର ପକାଇବା ମୁକ୍ତଧାରାର ଅନ୍ୟଏକ ନାଟକ 'ଶୁକଶାରୀ କଥା' (୧୯୮୧) ଉପରେ । ନାଟ୍ୟକାର କାର୍ତ୍ତିକ ରଥ ଉତ୍ତର ଆଧୁନିକ ଶୈଳୀର ସଫଳ ପ୍ରୟୋଗ କରିଛନ୍ତି ନାଟ୍ୟକାର । ଆନ୍ତର୍ଜାତିକ ବିକଳାଙ୍ଗ ବର୍ଷ ପାଇଁ ନାଟକଟି ଲେଖାଯାଇଥିଲା । ଦୃଢ଼ ସାମାଜିକ ଅଙ୍ଗୀକାର ବୋଧ ସହ ପରମ୍ପରା ପ୍ରତି ଗଭୀର ସମ୍ମାନବୋଧ ନାଟକଟିକୁ ଦେଇଥିଲା ଆଶାତୀତ ସଫଳତା । ଏକ ପାରମ୍ପରିକ ଶିଳ୍ପୀର ଦୁଃଖ ଯନ୍ତ୍ରଣାସିକ୍ତ ଜୀବନ ସଂଗ୍ରାମର କଥା କୁହେ ନାଟକଟି । ନାଟକରେ ଲୋକକଳା ବାଘନାଟର ଭୟଙ୍କର ପ୍ରତୀକର ଉପସ୍ଥାପନା କରାଯାଇଛି । ଏଇ ଲୁପ୍ତପ୍ରାୟ ବାଘନାଟକୁ ବଞ୍ଚେଇ ରଖିଥିବା ପତିପତ୍ନୀ ଶୁକ ଓ ତା' ପତ୍ନୀ ଶାରୀର ଜୀବନ କାହାଣୀକୁ ନେଇ ନାଟକର ପରିକଳ୍ପନା କରାଯାଇଛି । ଛୋଟ ଗାଁ ଭାତପଡ଼ାର ପାରମ୍ପରିକ ବାଘନାଟ ଶିଳ୍ପୀ ଶୁକ ଓ ଶାରୀ ଲୋକନାଟକୁ ଜୀବନର ତୀର୍ଥଭୂମି ରୂପେ ବରି ନେଇଛନ୍ତି । ନାଟ୍ୟକାରଙ୍କର ଏହି ଭାବ ଛଳଛଳ ଏହି ବକ୍ତବ୍ୟକୁ ଲକ୍ଷ୍ୟ କରାଯାଉ । - "ଯେଉଁମାନେ ନାଟ୍ୟକାରଙ୍କ ସାମାଜିକ ଅଙ୍ଗୀକାରକୁ ସମର୍ଥନ କରନ୍ତି, ରଙ୍ଗମଞ୍ଚକୁ ସାମାଜିକ ବିପ୍ଳବର ତୀର୍ଥଭୂମି ରୂପେ ସ୍ୱୀକୃତି ଦିଅନ୍ତି 'ଶୁକଶାରୀ କଥା' ବିଶେଷ ଭାବରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ । ବାଘନାଚ ଓଡ଼ିଶାର ପାରମ୍ପରିକ ଲୋକନାଟ୍ୟର ଏକ ଆକର୍ଷଣୀୟ ଅଥଚ ଲୁପ୍ତ ପ୍ରାୟ ରୂପ । ସେଇ ବାଘନାଚର ଭୟକାରୀ ପ୍ରତୀକକୁ ନେଇ ଏଇ ନାଟକଟିର ନିର୍ଦ୍ଦୟ ଅଥଚ କରୁଣ କାହାଣୀ ରୂପାୟିତ ।"(୧୧)

ପାରମ୍ପରିକ କଳାର ପୂଜାରୀ ଶୁକ । ବିକଳାଙ୍ଗ ଶରୀର ଓ ଚରମ ଦାରିଦ୍ରତା ମଧ୍ୟରେ ଦିନ କାଟୁଥିବା ଏ କଳାକାର ଶେଷରେ ତାର ମୂକ ପତ୍ନୀ ଶାରୀକୁ ଅଚିହ୍ନା ସହରୀବାବୁର ଭୋଗ୍ୟା ହେବାପାଇଁ ଛାଡ଼ିଦିଏ ମାତ୍ର କେତୋଟି ଟଙ୍କା ପାଇଁ । ଏହାହିଁଆଜିର ସମାଜର ଚରମ ବାସ୍ତବତା । ଏହି ଶୁକଶାରୀମାନେ ଚିରଦିନ କ'ଣ ଏଭଳି ଅବହେଳିତ ହୋଇରହିଥିବେ ଆମ ପାରଂପରିକ ଲୋକକଳା ପରି? ଏ ପ୍ରଶ୍ନ ବିଚଳିତ କରେ ଦର୍ଶକକୁ । ତେବେ ପରିତ୍ୟକ୍ତ ବାଘମୁଖା ଲଗାଇ ବିକଳାଙ୍ଗ ଶୁକ ନାଚି ଚାଲିବା ଭିତରେ ଆମେ ତା'ର ମାନସିକ ସ୍ଥିତିକୁ ଅନୁମାନ କରିପାରିବା । ଏହା ନାଟ୍ୟକାରଙ୍କ ଭିନ୍ନ ଏକ ପ୍ରତିବାଦ ମୂଲ୍ୟବୋଧହୀନ ସମାଜ ବିରୁଦ୍ଧରେ । ନାଟକଟି ବାସ୍ତବିକ ଓଡ଼ିଆ ନାଟ୍ୟଜଗତ ପାଇଁ ଏକ ଅମୂଲ୍ୟ ସଂପଦ । ଏହା କଳା ଓ କଳାକାରର ଜୟଗାନ କରିବା ସହ ଦର୍ଶକ ହୃଦୟରେ ପାରମ୍ପରିକ କଳା ଓ କଳାକାରଙ୍କ ପ୍ରତି ସୃଷ୍ଟିକରେ ଗଭୀର ଭଲପାଇବା । ଉତ୍ତର ଆଧୁନିକ ସ୍ୱର ଓ ସ୍ୱାକ୍ଷର ବହନ କରୁଥିବା ନାଟକଟି ପାଇଁ ନାଟ୍ୟକାର କାର୍ତ୍ତିକ ରଥ ଯଥାର୍ଥରେ ସମ୍ମାନର ହକ୍‌ଦାର ।

ସାତଟି ବିଭାଗରେ ରଚିତ 'କଟକ ନଗର ବରଷ ହଜାର' ନାଟକରେ ମଧ୍ୟ ସାମାଜିକ ଅଙ୍ଗୀକାରବଦ୍ଧତା ଦେଖିବାକୁ ମିଳେ । ସାଧାରଣ ଜନତାର ପ୍ରତିନିଧି ସାଜି ବାଇମୁଣ୍ଡି ଚରମ ଆଦର୍ଶବୋଧର କଥା କୁହେ । ସାରା ଜୀବନ ସଞ୍ଚିତ କରି ରଖିଥିବା ସମସ୍ତ ଅର୍ଥ ରାଜା ମର୍କତକେଶରୀଙ୍କୁ ଦାନ କରିଦିଏ । କଟକ ନଗରୀକୁ ରକ୍ଷା କରିବାକୁ ଜଣେ ସାଧାରଣ ଲୋକର ଏ ଦାନ ରାଜାଙ୍କୁ ତାଙ୍କ କର୍ତ୍ତବ୍ୟ ବିଷୟରେ ସଚେତନ କରେ । ବାଇମୁଣ୍ଡି କୁହେ- "ଠାକୁରେ ଖଟିଖିଆ ମଣିଷର ହସ, ସରାଗରେ ଉଛୁଳିଉଠୁଥିବା ମାଟିର ଏଇ ସରଗକୁ ମଶାଣିର ନରକ କରିଦିଅନି ।"(୧୨)

ନାଟ୍ୟକାର କାର୍ତ୍ତିକ ରଥଙ୍କ ଅନ୍ୟ ଏକ ନାଟକ 'ରକ୍ତର ଫୁଲ'ରେ ଏଇ ସାମାଜିକ ପରିବର୍ତ୍ତନର ସ୍ୱର ଆହୁରି ସ୍ପଷ୍ଟ । ନାଟକଟିର ଉପକ୍ରମରେ ନାଟ୍ୟକାର ଏହାକୁ ସ୍ପଷ୍ଟ କରିଛନ୍ତି ।– "ସାଂପ୍ରଦାୟିକତା ହେଉଛି ଗୋଟାଏ ଅନ୍ଧ ଅଜଗର । ସେ ପକ୍ଷ ବିପକ୍ଷ, ଭଲ ମନ୍ଦ, ଧନୀ-ଦରିଦ୍ର, ପିଲା-ବୁଢ଼ା, ସ୍ତ୍ରୀ-ପୁରୁଷ, କାହାରି କଥା କେବେ ବିଚାର କନେନି କିମ୍ବା କାହାରିକୁ କେବେ ବାଦ୍ ଦିଏନି । ସମସ୍ତଙ୍କୁ ସଂପୂର୍ଣ୍ଣଭାବେ ଗ୍ରାସ କରିଯାଏ । ସାଂପ୍ରଦୟିକତାର ବିଷାକ୍ତ ଝଡ଼ ଯେବେ ଆଉ ଯୋଉଠି ବି ବହେ - ପଛରେ ତା'ର ଗଭୀର କ୍ଷତ, ରକ୍ତର ଦାଗ... ଶ୍ମଶାନର ଶୂନ୍ୟତାକୁ ଛାଡିଯାଏ ।"(୧୩) (ରକ୍ତର ଫୁଲ)

ଜାତି ଧର୍ମ ସାଂପ୍ରଦାୟିକତା ନାଆଁରେ କିଛି ଲୋକ ହିଂସା, ରକ୍ତପାତ ସୃଷ୍ଟି କରିଚାଲିଛନ୍ତି ଯୁଗ ଯୁଗ ଧରି। ସାଧାରଣ ଲୋକେ ବି ଅନ୍ଧଭାବେ ସେମାନଙ୍କ ଜାଲରେ ପଡ଼ି ନିଜକୁ ଟାଣିନେଉଛନ୍ତି ଧ୍ୱଂସ ମୁଖକୁ। ନାଟକଟିରେ ଏହା ବିରୁଦ୍ଧରେ ବିଦ୍ରୋହର ସ୍ୱର ଝଙ୍କାର ତୋଳିଛନ୍ତି ନାଟ୍ୟକାର ।

ପ୍ରତ୍ୟେକ ନାଟକରେ ସମାଜ ପରିବର୍ତ୍ତନର ସ୍ୱର ଝଙ୍କାର ତୋଳୁଥିବା ନାଟ୍ୟକାର କାର୍ତ୍ତିକ ରଥ ସବୁ ନାଟକରେ ଆଶାବାଦ ମଧ୍ୟରେ ନାଟକରେ ଯବନିକା ଟାଣିଛନ୍ତି । ସମାଲୋଚିକା ସଂଘମିତ୍ରା ମିଶ୍ରଙ୍କ ମତରେ – "ମଣିଷର ଦୁଃଖ ଅପରସୀମ ମାତ୍ର ତାହାଠାରୁ ରକ୍ଷା ପାଇବାର ଉପାୟ ସିମୀତ । ଶ୍ରୀଯୁକ୍ତ ରଥଙ୍କର ନାଟକଗୁଡ଼ିକ ସେହି ଦୁଃଖ ଦିଗକୁ ମୁହଁକରି ଗତିଶୀଳ । ଅବସାଦରୁ ଉତ୍ତରିତ ଏକ ଦିବ୍ୟ ଅବବୋଧର ଜଗତ ଆଡ଼କୁ ତାଙ୍କର ନାଟକର ଦୃଷ୍ଟି ସର୍ବଦା ପ୍ରସାରିତ ।"(୧୪) (ନାଟକ : ସୀମା ଓ ସମ୍ଭାବନା, ପୃ.୨୨୧)

ସମସାମୟିକ ସମାଜ ସହ ଭଲଭାବେ ଜଡ଼ିତ ନାଟ୍ୟକାର ରଥ ସାଂପ୍ରତିକ ସମାଜର ହାଃ ହୁତାଶମୟ ଚିତ୍ରକୁ ନାଟକରେ ଉପସ୍ଥାପିତ କରିବା ସହ ଦର୍ଶକ ମନରେ ସମାଜ ପରିବର୍ତ୍ତନର ଭାବନା ଜାଗ୍ରତ କରାଇଥାନ୍ତି । ସମାଲୋଚକ ହେମନ୍ତ କୁମାର ଦାସଙ୍କ ମତରେ –"ନାଟ୍ୟକାର ରଥ ଉତ୍ତର ଆଧୁନିକ କାଳର ଜଣେ ସଫଳ ନାଟ୍ୟକାର । ସମୟର ପ୍ରାଣସ୍ପନ୍ଦନଟି ତାଙ୍କ ସୃଷ୍ଟିରେ ସ୍ପଷ୍ଟ ଭାବରେ ପ୍ରକାଶିତ ହୋଇଛି । ତାଙ୍କର ନାଟ୍ୟଦର୍ଶନ ସମସାମୟିକ ସମାଜ-ଦର୍ଶନ ସହିତ ନିବିଡ଼ ଭାବରେ ସଂପୃକ୍ତ । ସାଂପ୍ରତିକ ସମାଜର ବ୍ୟସ୍ତ-ବିବ୍ରତ, ହତାଶ ରୂପଟି ଯଥାଯଥ ଭାବେ ତାଙ୍କ ସୃଷ୍ଟିରେ ରୂପାୟିତ ହୋଇଛି, ଯେଉଁଠି ନେତିବାଦର ଚିକ୍ରାନ୍ତର ହିଁଅଧିକ ଶୁଣିବାକୁ ମିଳେ । ତେବେ ସେଇଠୁ ନାଟ୍ୟକାର ଭବିଷ୍ୟତ ପାଇଁ ଆଶା ଏବଂ ସମ୍ଭାବନାର ପବିତ୍ର ବେଦମନ୍ତ୍ର ଉଚ୍ଚାରଣ କରିଛନ୍ତି ।"(୧୫)(ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ,

ପୃ.୫୫) ଏଇଭଳି ତାଙ୍କର ପ୍ରତ୍ୟେକଟି ନାଟକରେ ସମାଜ ପରିବର୍ତ୍ତନର ସ୍ୱଷ୍ଟ ସ୍ୱର ଶୁଣିବାକୁ ମିଳେ । ଯାହାକି ଭିଡ଼ ଭିତରେ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କୁ ଦେଇଛି ଭିନ୍ନ ପରିଚିତି ।

### ସଂକେତ ସୂଚୀ


[୧]ଶତପଥୀ, ଡ. ଦେବୀ ପ୍ରସାଦ (ସଂ.): ଓଡ଼ିଆ ନାଟକରେ ଉତ୍ତର ଆଧୁନିକତାର ପଦଧ୍ୱନି, ଉତ୍ତର ଆଧୁନିକତା: ବିଚାର ଓ ବିତର୍କ, ପ୍ରକାଶକ, ଅଗ୍ରଦୂତ, ବାଙ୍କା ବଜାର, କଟକ-୨, ପ୍ରଥମ ପ୍ରକାଶ, ୨୦୧୫, ପୃ.୨୫୮

[୨]Foster, George M: Traditional Cultures: and the impact of technological Change, p.4.

[୩]Goodman, W. R.: Quintessence of literary essays, p.398

[୪] ରଥ, କାର୍ତ୍ତିକ ଚନ୍ଦ୍ର: ମାଂସର ଫୁଲ, ପ୍ରକାଶକ-ଓଡ଼ିଶା ବୁକ୍ ଷ୍ଟୋର, କଟକ, ଚତୁର୍ଥ ସଂସ୍କରଣ, ୧୯୯୩, ପୃ.୧୧୨

[୫] ରଥ, କାର୍ତ୍ତିକ ଚନ୍ଦ୍ର: ମାଂସର ଫୁଲ, ଚିନ୍ତା, ପ୍ରକାଶକ-ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ଚତୁର୍ଥ ସଂସ୍କରଣ, ୧୯୯୩

[୬] ରଥ, କାର୍ତ୍ତିକ ଚନ୍ଦ୍ର: ମାଂସର ଫୁଲ, ଚିନ୍ତା, ପ୍ରକାଶକ-ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ଚତୁର୍ଥ ସଂସ୍କରଣ, ୧୯୯୩, ପୃ.୮୯-୯୦

[୭] ରଥ, କାର୍ତ୍ତିକ ଚନ୍ଦ୍ର: ସମୁଦ୍ରର ରଙ୍ଗ ଯନ୍ତ୍ରଣା, ପୃ.୨

[୮] ରଥ, କାର୍ତ୍ତିକ ଚନ୍ଦ୍ର: ଈଶ୍ୱର ଜଣେ ଯୁବକ, ପୃ.୧୧୩

[୯] ରଥ, କାର୍ତ୍ତିକ ଚନ୍ଦ୍ର: ବହ୍ନିମାନ, ପୃ.୭୬

[୧୦] ରଥ, କାର୍ତ୍ତିକ ଚନ୍ଦ୍ର: ବହ୍ନିମାନ, ପୃ.୭୭

[୧୧] ରଥ, କାର୍ତ୍ତିକ ଚନ୍ଦ୍ର: ଶୁକଶାରୀ କଥା

[୧୨] ରଥ, ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର: କଟକ ନଗର ବରଷ ହଜାର, ପ୍ରକାଶକ-ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ପ୍ରଥମ ପ୍ରକାଶ, ୧୯୯୦, ପୃ.୧୫

[୧୩] ରଥ, ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର: ରକ୍ତର ଫୁଲ, ପ୍ରକାଶକ - ସୁଧା ପ୍ରକାଶନ, ବାଖରାବାଦ୍, ପ୍ରଥମ ପ୍ରକାଶନ, ୧୯୯୭

[୧୪] ମିଶ୍ର, ଡ. ସଂଘମିତ୍ରା (ସଂ.): ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ ପରଂପରା ଓ ଆଧୁନିକତାର ସମନ୍ୱୟ, (ନାଟକ: ସୀମା ଓ ସମ୍ଭାବନା), ପ୍ରକାଶକ - ଅଗ୍ରଦୂତ, ବାଙ୍କା ବଜାର, କଟକ, ପ୍ରଥମ ପ୍ରକାଶ, ୧୯୯୯, ପୃ.୨୨୧

[୧୫] ଦାସ, ଡ. ହେମନ୍ତ କୁମାର: ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ପ୍ରକାଶକ, ବିଦ୍ୟାପୁରୀ, କଟକ, ପ୍ରଥମ ପ୍ରକାଶ, ୨୦୦, ପୃ.୫୫)